## ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପାଇଁ ଛାତ୍ର ଆନ୍ଦୋଳନ ଦାନା ବାନ୍ଧୁଛି

ଭୁବନେଶ୍ୱର (ନି.ପ୍ର)- ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠାକୁ ଅତି ଚତୁରତାର ସହ ଏବର କେନ୍ଦ୍ର ସରକାର ଆଗ୍ରାହ୍ୟ କରିଦେବାରୁ ଏହାକୁ ନେଇ ଏବେ ରାଜ୍ୟରେ ଛାତ୍ର ଆନ୍ଦୋଳନ ଦାନା ବାନ୍ଧୁଥିବା ଜଣାପଡିଛି । କାହାର ଅପରାଗତା ପାଇଁ କେନ୍ଦ୍ର ସରକାର ଏପରି ପଦକ୍ଷେପ ନେବାକୁ ସାହସ କଲେ ତାହା ଏବେ ଛାତ୍ରଙ୍କ ମଧ୍ୟରେ ମୁଖ୍ୟ ପ୍ରଶ୍ନ ହୋଇଛି । ଓଡ଼ିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନର ପ୍ରତିଷ୍ଠା ପାଇଁ ବ୍ୟାପକ ଆନ୍ଦୋଳନ କରିବାକୁ ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ 'ଆଗାମୀ ଓଡ଼ିଶା'ର ଆହ୍ୱାନ କ୍ରମେ ଏକ ରାଜ୍ୟସ୍ତରୀୟ ଛାତ୍ର ସମାବେଶ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପାଇଁ ଛାତ୍ର ଆନ୍ଦୋଳନର ପ୍ରଥମ ବିଗୁଲ ଏହିଠାରୁ ବାଜିଲା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ରାଜ୍ୟର ସ୍ୱାଭିମାନର ପ୍ରଶ୍ନ ହୋଇଥିବା ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପାଇଁ ନେତାମାନେ କୁମ୍ଭୀର କାନ୍ଦଣା କାନ୍ଦୁଥିବାରୁ ଏବେ ଛାତ୍ରମାନେ ବାଧ୍ୟ ହୋଇ ଆଗକୁ ବାହାରିଛନ୍ତି । ସୂଚନାଯୋଗ୍ୟ ଯେ ଗତ ୨୦୦୩ ମସିହାରେ ତତ୍‌କାଳୀନ କେନ୍ଦ୍ର ସରକାର ଓଡ଼ିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ । ଏଥିପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ମଧ୍ୟ ଜଣାଇଥିଲେ । ତେବେ ଗତ ସେପ୍ଟେମ୍ବର ମାସରେ କେନ୍ଦ୍ର ସରକାର ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ଦୁଇଟି ସ୍ଥାନର ନାମ ଘୋଷଣା କରିଥିଲେ ହେଁ ଭୁବନେଶ୍ୱରର ନାମ ତାଲିକାରେ ନଥିଲା । ଏଥିପାଇଁ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ସ୍ୱାଭିମାନୀ ଓଡ଼ିଆମାନେ ସେମାନଙ୍କ ପ୍ରତିକ୍ରିୟା ରାଷ୍ଟ୍ରପତି ତଥା ପ୍ରଧାନମନ୍ତ୍ରୀଙ୍କୁ ଜଣାଇଛନ୍ତି । ଏହି ଦାବିକୁ ଅଧିକ ସକ୍ରିୟ କରିବା ପାଇଁ ଆଜି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ମହାବିଦ୍ୟାଳୟର ଛାତ୍ର ପ୍ରତିନିଧିମାନେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏକାଠି ହୋଇଥିଲେ । ଛାତ୍ର ବିଜୁଜନତା ସଭାପତି ତଥା ବିଧାୟକ ଅରୁଣ ସାହୁ, ଛାତ୍ରକଂଗ୍ରେସ ସଭାପତି ଜୀନେଶ ଦାସ, ଏଆଇଏସ୍‌ଏଫ୍‌ର ସଭାପତି ଜ୍ୟୋତିରଞ୍ଜନ ମହାପାତ୍ର, ଛାତ୍ର ଜନତା(ଏସ୍)ର ସଭାପତି ଅମୀୟ ପାଣ୍ଡବ ପ୍ରମୁଖ ଦଳମତନିର୍ବିଶେଷରେ ପ୍ରଥମ ଥର ପାଇଁ ଗୋଟିଏ ମଞ୍ଚରେ ଏକାଠି ହୋଇ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନର ପ୍ରତିଷ୍ଠା ନିମନ୍ତେ ଆନ୍ଦୋଳନ କରିବାକୁ ଛାତ୍ରଙ୍କୁ ଆହ୍ୱାନ ଜଣାଇଥିଲେ । ଏହି ଦାବି ପୂରଣ ନହେଲେ ରାଜ୍ୟରେ ବ୍ୟାପକ ଛାତ୍ର ଆନ୍ଦୋନ କରିବାକୁ ଛାତ୍ର ପ୍ରତିନିଧିମାନେ ନିଷ୍ପତ୍ତି ନେଇଥିଲେ । ଏହି ଆନ୍ଦୋଳନର ପ୍ରଥମ ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ, ଯୋଜନା କମିଶନ ଉପାଧ୍ୟକ୍ଷ, ବିଜ୍ଞାପ ଓ କାରିଗରୀ ବିଭାଗ ମୁଖ୍ୟ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହାପରେ ପ୍ରତ୍ୟେକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ପୋଷ୍ଟକାର୍ଡରେ ପ୍ରତିବାଦପତ୍ର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇବେ, ରାଜଭବନ ସମ୍ମୁଖରେ ଧାରଣା ଆଦି ଦେବେ ବୋଲି ନିଷ୍ପତ୍ତି ହୋଇଛି । ଏହାସତ୍ତ୍ୱେ ଦାବିପୂରଣ କରାନଗଲେ ରାଜ୍ୟର ଛାତ୍ରମାନେ ଦିଲ୍ଲୀରେ ଧାରଣା ଦେବେ ବୋଲି ସ୍ଥିର ହୋଇଛି । ଏହାଛଡା ଆରମ୍ଭ ହେଉଥିବା ବିଧାନସଭାର ଶୀତକାଳୀନ ଅଧିବେଶନରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ଦଳମତ ନିର୍ବିଶେଷରେ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରିବାକୁ ଛାତ୍ରମାନେ ଦାବି କରିଛନ୍ତି । ଏହି ସମାବେଶରେ ଛାତ୍ରଙ୍କ ବ୍ୟତୀତ ଆଲ୍‌ବାମା ବିଶ୍ୱବିଦ୍ୟାଳୟର ପ୍ରଫେସର ଦିଗମ୍ବର ମିଶ୍ର, ଆଇନଜୀବୀ ଏମ୍. ପାପାନ୍ନା, ନାଲ୍‌କୋ ଅଫିସର ସଂଘର ସଭାପତି ଲଳିତ ପଟ୍ଟନାୟକ, ପୂର୍ବତନ ଜଙ୍ଗଲ ଅଧିକାରୀ ନଦିଆ ଚାନ୍ଦ କାନୁନ୍‌ଗୋ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ଆଗାମୀ ଓଡ଼ିଶା ତରଫରୁ ସୁଦର୍ଶନ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ଏହି ଛାତ୍ର ସମାବେଶରେ ବିଜେପି କଲେଜର ରାଣାପ୍ରତାପ ପାତ୍ର, ରମାଦେବୀ ବୈଜୟନ୍ତୀ ବଳବନ୍ତରାୟ, ଭବାନୀପାଟଣା କଲେଜର ସଞ୍ଜୀବ ଦାସ,







ଖୋର୍ଦ୍ଧା ପିଏନ୍ କଲେଜର ବିଷ୍ଣୁପ୍ରସାଦ ଡେଙ୍ଗ, ଜଗତସିଂହପୁର କଲେଜର ଶୁଭକାନ୍ତ ପଢ଼ିହାରୀ, ଅଳକା ମହାବିଦ୍ୟାଳୟର ପ୍ରଦୀପ୍ତ ଭୂୟାଁ, ବାସୁଦେବପୁର ଅଟଳବିହାରୀ କଲେଜର ରାଜେନ୍ଦ୍ର ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ପ୍ରତିନିଧି ଆଶିଷ ରାଠୋର, ସଞ୍ଜା ଦାସ, ମନସ୍ୱିନୀ ରାଉତରାୟ, ରଜତ କର, ମନୋଜ ବିଶ୍ୱାଳ ପ୍ରମୁଖ ଅଂଶ ଗ୍ରହଣ କରି ଆଗାମୀ ଦିନରେ ଏହି ଦାବି ପୂରଣ ପାଇଁ ବ୍ୟାପକ ଆନ୍ଦୋଳନ କରିବାକୁ ପ୍ରସ୍ତାବ ଦେଇଥିଲେ । କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଫୁଲବାଣୀ, କେନ୍ଦ୍ରାପଡା, କେନ୍ଦୁଝର, କଳାହାଣ୍ଡି, ଗଞ୍ଜାମ, କେନ୍ଦୁଝର, ଯାଜପୁର, ଢେଙ୍କାନାଳ, ଅନଗୁଳ ଆଦି ଜିଲାରେ ଥିବା ବିଭିନ୍ନ କଲେଜର ଛାତ୍ର ପ୍ରତିନିଧି ଯୋଗଦେଇ ରାଜସରକାରଙ୍କ ଅପରାଗତା ପାଇଁ ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ନିଷ୍ପତ୍ତିରୁ କେନ୍ଦ୍ର ସରକାର ଓହରିଯାଇଛନ୍ତି ବୋଲି ଅଭିଯୋଗ କରିଥିଲେ ।




About Us | Contact Us | Feedback | Guest Book

The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)